# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | OCTOBER 2023 | No.08


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ହିତୋପଦେଶ ୨୪:୧-୧୦)

୧ ତୁମ୍ଭେ ମନ୍ଦ ଲୋକମାନଙ୍କ ପ୍ରତି ଈର୍ଷା କର ନାହିଁ, ପୁଣି ସେମାନଙ୍କର ସଙ୍ଗୀ ହେବାକୁ ବାଞ୍ଛା କର ନାହିଁ ।

୨ କାରଣ ସେମାନଙ୍କ ଅନ୍ତଃକରଣ ଦୌରାତ୍ମ୍ୟ କଳ୍ପନା କରେ, ପୁଣି ସେମାନଙ୍କ ଓଷ୍ଠ ଅନିଷ୍ଟ କଥା କହେ ।

୩ ଜ୍ଞାନରେ ଗୃହ ନିର୍ମିତ ହୁଏ ଓ ବୁଦ୍ଧିରେ ତାହା ସ୍ଥିର ହୁଏ;

୪ ଜ୍ଞାନରେ ତାହାର କୋଠରିସବୁ ବହୁମୂଲ୍ୟ ଓ ମନୋରମ ବସ୍ତୁରେ ପରିପୂର୍ଣ୍ଣ ହୁଏ ।

୫ ଜ୍ଞାନବାନ ଲୋକ ବଳବାନ, ପୁଣି ବିଦ୍ୱାନ୍ ଲୋକ ବଳ ବଢ଼ାଏ ।

୬ ଅବଶ୍ୟ ତୁମ୍ଭେ ଭଲ ପରାମର୍ଶ ଘେନି ଆପଣା ଯୁଦ୍ଧ କରିବ; ଆଉ, ମନ୍ତ୍ରୀମାନଙ୍କ ବାହୁଲ୍ୟରେ ରକ୍ଷା ହୁଏ ।

୭ ଅଜ୍ଞାନ ପ୍ରତି ଜ୍ଞାନ ଅତି ଉଚ୍ଚ; ସେ ନଗର-ଦ୍ୱାରରେ ଆପଣା ମୁଖ ଫିଟାଏ ନାହିଁ ।

୮ ଯେଉଁ ଲୋକ ମନ୍ଦ କରିବାକୁ ଚିନ୍ତା କରେ, ଲୋକମାନେ ତାହାକୁ କୁସନ୍ଧାନୀ ବୋଲି କହିବେ ।

୯ ଅଜ୍ଞାନର ସଙ୍କଳ୍ପ ପାପଯୁକ୍ତ; ପୁଣି, ନିନ୍ଦକ ମନୁଷ୍ୟମାନଙ୍କ ନିକଟରେ ଘୃଣିତ ।

୧୦ ବିପଦର ଦିନରେ ତୁମ୍ଭେ ଯେବେ ସାହସହୀନ ହେବ, ତେବେ ତୁମ୍ଭର ଶକ୍ତି ଅଳ୍ପ ।

## ଆପଣ ଅସାଧାରଣ କାର୍ଯ୍ୟ ସାଧନ ପାଇଁ ସ୍ୱର୍ଗୀୟ ଭାବରେ ଆହ୍ୱାନ ପ୍ରାପ୍ତ

You are divinely summoned to accomplish extra-ordinary deeds!



**ପାଷ୍ଟର ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ**

ଦାନିୟେଲ ୧୧:୩୨ ଆମକୁ ଏହା ସ୍ମରଣ କରାଇ ଦିଏ ଯେ ଈଶ୍ୱର ଏକ ସାଧାରଣ ଜୀବନ ପାଇଁ ଆମକୁ ଆହ୍ୱାନ କିମ୍ବା ସୃଷ୍ଟି କରି ନାହାନ୍ତି ।

**‘‘ଯେଉଁ ଲୋକମାନେ ଆପଣା ପରମେଶ୍ୱରଙ୍କୁ ଜାଣନ୍ତି, ସେମାନେ ବଳବାନ୍ ହେବେ ଓ ମହତ୍ କର୍ମ କରିବେ’’ (ଦାନିୟେଲ ୧୧:୩୨)।**

ତାଙ୍କର ଲୋକମାନେ ଆତ୍ମିକ ଭାବେ ପରିପକ୍ୱ ହୋଇ ଯେ କୌଣସି ଆହ୍ୱାନମୂଳକ ପରିସ୍ଥିତିର ପ୍ରତିରୋଧ କରିବା ପାଇଁ କିମ୍ବା ସାହାସର ସହିତ ତା'ର ସମ୍ମୁଖୀନ ହେବା ପାଇଁ ପଦକ୍ଷେପ ନିଅନ୍ତୁ ଓ ସେମାନଙ୍କର ଶକ୍ତି ପ୍ରଦର୍ଶନ କରନ୍ତୁ ବୋଲି ସେ ଇଚ୍ଛା କରନ୍ତି ।

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

*ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !*

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

**ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ**

**ପ୍ରତିଦିନ ସକାଳ ୫ ଟାରେ**

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।


**CHIEF EDITOR**

**Pastor Alex Samson Sam,** B.Th., M.Div.

**ADMINISTRATION**

**Bro. N. Prakasam,** M.A., General Manager
**Dr. Rabinder Boaz,** M.S.
**Bro. K. Puratchivendan**

**EDITORIAL BOARD**

**Sis. Jesy Veena Sam**
**Sis. Serena Bevin,** M.A., M.Phil., B.Ed.
**Dr. A. Richard Samuel,** M.A., Ph.D.
**Sis. Sajini Cherian**
**Rev. Dr. K.R. Rajasekaran**

**EDITOR, PUBLISHER & PRINTER**

**Pastor S. SAM SELVA RAJ**
**Echo of His Call Printers**
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

**E.mail ID**

sam@echoofhiscall.org
biblecor@yahoo.co.in

**WEBSITES**

www.echoofhiscall.org
www.stpaulsmatriculation.com

**YOUTUBE CHANNEL**

Echo of His Call


> "ପରମେଶ୍ୱର ଥରେ କହିଅଛନ୍ତି, ଆମ୍ଭେ ଦୁଇଥର ଏହା ଶୁଣିଅଛୁ ଯେ, ପରାକ୍ରମ ପରମେଶ୍ୱରଙ୍କର ଅଟଇ" (ଗୀତ ୬୨:୧୧)

**ପ୍ରଭୁରେ ପ୍ରିୟଗଣ,**

*ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଅତୁଳନୀୟ ନାମରେ ଅଭିବାଦନ ଜଣାଉଅଛୁ ।*



ଡ.ଏ. ରିଚାର୍ଡ ଶାମୁୟେଲ

*ଆମେ ଦୁଃଖର ସହିତ ଏହା ଜଣାଉଅଛୁ ଯେ ଆମର ପ୍ରିୟ ଭାଇ ଓ "ଆହ୍ୱାନର ପ୍ରତିଧ୍ୱନି" ଇଂରାଜୀ ପତ୍ରିକାର ସହଯୋଗୀ ସଂପାଦକ ଡ.ଏ.ରିଚାର୍ଡ ଶାମୁୟେଲ, ଏମ୍.ଏ.ପି.ଏଚ.ଡି, ୨୦୨୩ ଅଗଷ୍ଟ ୩୦ ତାରିଖରେ ପ୍ରଭୁଙ୍କ କୋଳକୁ ପ୍ରସ୍ଥାନ କରିଥିଲେ । ସେ ଏଇ ନିକଟରେ ଅସୁସ୍ଥ ଥିଲେ, ସେ ତାଙ୍କ ଲେଖା, ପ୍ରଚାର ଓ ପରାମର୍ଶ ମାଧ୍ୟମରେ ଦୀର୍ଘ ଦିନ ଧରି ଆମ ସହିତ କାର୍ଯ୍ୟ କରୁଥିଲେ । ଦୟାକରି ଏହି କଷ୍ଟକର ସମୟରେ ତାଙ୍କର ପତ୍ନୀ, ସନ୍ତାନସନ୍ତତି ଓ ପୌତ୍ରପୌତ୍ରୀମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ ।*

*୨ ତୀମଥି ୪:୨ ଅନୁସାରେ, "ବାକ୍ୟ ପ୍ରଚାର କର, ସମୟରେ କି ଅସମୟରେ ସେଥିରେ ଉଦ୍‌ଯୋଗୀ ହୁଅ ।" ସେଥିପାଇଁ ଆମେ ବିଭିନ୍ନ ମାର୍ଗରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବାକୁ ଚେଷ୍ଟା କରୁଅଛୁ ।*

- ➢ *ଅନେକ ଭାଷାରେ ମାଣ୍ଡଳିକ ଉପାସନା ପରିଚାଳନା କରିବା ।*
- ➢ *୧୬ ଭାଷାରେ ଆମର "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ଛାପିବା ।*
- ➢ *ତିନୋଟି ଭାଷା, ତାମିଲ, ଇଂରାଜୀ ଓ ହିନ୍ଦୀରେ ପୋଷ୍ଟାଲ (ଡାକ ମାଧ୍ୟମରେ) ବାଇବଲ ପାଠ୍ୟକ୍ରମ ଯୋଗାଇବା ।*
- ➢ *ତାମିଲ ଓ ଇଂରାଜୀରେ ଦୂରଗାମୀ ଶିକ୍ଷା ଦ୍ୱାରା ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମ ଯୋଗାଇବା ।*
- ➢ *ହିନ୍ଦୀ ଓ ତାମିଲରେ ତିନୋଟି ବାଇବଲ କଲେଜ ଯଥା, ନିହିମିୟା ବାଇବଲ କଲେଜ (ଆବାସିକ ଓ ସାଂଧ୍ୟ) ପରିଚାଳନା କରିବା ।*
- ➢ *ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ (ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ) ଯେଉଁଠାରେ ଇଂରାଜୀ ମାଧ୍ୟମରେ ପାଠ ପଢ଼ାଯାଏ ।*
- ➢ *କ୍ଷିପ୍ର ଗତିରେ ୧୬ଟି ଭାଷାରେ ଛାପିବା ପାଇଁ ସମର୍ଥ ଥିବା ଗୋଟିଏ ଆଧୁନିକ ଅଫସେଟ ପ୍ରିଣ୍ଟିଂ ପ୍ରେସ୍ ଚଳାଇବା ।*
- ➢ *ଦରିଦ୍ରମାନଙ୍କ ପାଇଁ ସାମାଜିକ ଉନ୍ନତିମୂଳକ କାର୍ଯ୍ୟକ୍ରମ ଚଳାଇବା ।*
- ➢ *ବିଭିନ୍ନ ଭାଷାରେ ସୁସମାଚାର ପ୍ରଚାର ଅଭିଯାନ ।*
- ➢ *ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ, ଯେଉଁଠାରେ ତାମିଲ, ଇଂରାଜୀ, ତେଲୁଗୁ ଓ ହିନ୍ଦୀରେ ଯୀଶୁ ଖ୍ରୀଷ୍ଟଙ୍କର ପ୍ରେମପୂର୍ଣ୍ଣ ସୁସମାଚାର ପ୍ରଚାର କରାଯାଏ ।*

*ଆମେ ସକାରାତ୍ମକ ଫଳ ପ୍ରାପ୍ତ ହୋଇଅଛୁ ଓ ସର୍ବଶକ୍ତିମାନ ଈଶ୍ୱରଙ୍କୁ ତାଙ୍କର ଅନୁଗ୍ରହ ନିମନ୍ତେ ଗୌରବ ଦେଉଅଛୁ । ଆମେ ସେହି ସମସ୍ତଙ୍କୁ ଆମର କୃତଜ୍ଞତା ଜଣାଉଛୁ ଯେଉଁମାନେ ଆମର ସେବାକାର୍ଯ୍ୟକୁ ସହାୟତା ଯୋଗାଉଛନ୍ତି ।*

## ୟୁ-ଟ୍ୟୁବ ସେବାକାର୍ଯ୍ୟର ଅଭିବୃଦ୍ଧି

*ଅତୀତରେ, ଆତ୍ମିକ ଜଗତରେ ଏପରି ଏକ ବିଶ୍ୱାସ ଥିଲା ଯେ ଆମେ ଟେଲିଭିଜନ, ଇଣ୍ଟରନେଟ, ମୋବାଇଲ ଫୋନ ଓ ୟୁ-ଟ୍ୟୁବ୍ ଭଳି ଅତ୍ୟାଧୁନିକ ଯାନ୍ତ୍ରିକ ଆବିଷ୍କାରଗୁଡ଼ିକୁ ବ୍ୟବହାର କରିବା ଉଚିତ୍ ନୁହେଁ । ଆମର ମଧ୍ୟ ସମାନ ପ୍ରକାର ମତ ରହିଥିଲା । କିନ୍ତୁ, ଏଇ ନିକଟରେ ସାଧାରଣ ଲୋକମାନେ ସମ୍ବାଦପତ୍ର, ରେଡ଼ିଓ ଓ ପୁସ୍ତକ*

ଭଳି ପାରଂପାରିକ ସମ୍ବାଦ ସରବରାହ ଉପରେ ସେମାନଙ୍କର ନିର୍ଭରଶୀଳତାକୁ କମେଇ ଦେଇଛନ୍ତି । ସେମାନେ ବ୍ୟକ୍ତିଗତ ଭାବେ ଆତ୍ମିକ ସଭା ଗୁଡ଼ିକରେ ମଧ୍ୟ ପ୍ରାୟ ଯୋଗ ଦେଉ ନାହାନ୍ତି, ମାତ୍ର କେତେ ଜଣ ଅନ୍‌-ଲାଇନ ଆତ୍ମିକ ଉପାସନାରେ ଅଂଶଗ୍ରହଣ କରୁଛନ୍ତି ।

## ମୋବାଇଲ କିମ୍ବା ସେଲ୍‌ଫୋନ

ପିଲାମାନଙ୍କଠାରୁ ଆରମ୍ଭ କରି ବୟସ୍କ ଓ ବୃଦ୍ଧ ବୃଦ୍ଧାମାନଙ୍କ ପର୍ଯ୍ୟନ୍ତ ସମସ୍ତ ବୟସର ଲୋକମାନେ, ସେମାନଙ୍କର ଅର୍ଥନୈତିକ ଅବସ୍ଥା ଯାହା ହେଲେ ମଧ୍ୟ, ବର୍ତ୍ତମାନ ଏକ କିମ୍ବା ଏକାଧିକ ମୋବାଇଲ ଫୋନ ରଖୁଛନ୍ତି । ପ୍ରତ୍ୟେକ ମୋବାଇଲ୍ ଫୋନ୍‌ରେ ଅନେକ ସିମ୍ କାର୍ଡ ମଧ୍ୟ ରହୁଛି । ବିଶ୍ୱବ୍ୟାପୀ ବର୍ତ୍ତମାନ ଲକ୍ଷ ଲକ୍ଷ ଏହିପରି ମୋବାଇବଲ ଫୋନ ବ୍ୟବହାର କରାଯାଉଛି ।

ଏକାସାଙ୍ଗରେ ହଜାର ହଜାର ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ, ଆମେ ଏହି ମୋବାଇଲ ଫୋନଗୁଡ଼ିକୁ ବ୍ୟବହାର କରୁଛୁ ଯେଉଁ ଗୁଡ଼ିକୁ ପ୍ରଥମେ ଆତ୍ମିକମନା ଲୋକମାନେ ପସନ୍ଦ କରୁ ନ ଥିଲେ । ସେଗୁଡ଼ିକର ବ୍ୟବହାରରେ ଅନେକ ନକାରାତ୍ମକ ପରିଣାମ ରହିଥିଲେ ସୁଦ୍ଧା, ଆମେ ଆଧୁନିକ ଲୋକମାନଙ୍କ ନିକଟରେ ସୁସମାଚାର ବାର୍ତ୍ତା ପହଞ୍ଚାଇବା ପାଇଁ ସେଲ୍ ଫୋନକୁ ବ୍ୟବହାର କରୁଅଛୁ ।

ଯେତେବେଳେ ଲୋକମାନେ ଜାଗତିକ ସମ୍ବାଦ ଓ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବା ଓ ଶୁଣିବା ପାଇଁ ସେଲ୍ ଫୋନଗୁଡ଼ିକୁ ବ୍ୟବହାର କରନ୍ତି, ସେତେବେଳେ ସେମାନେ ସୁସମାଚାର ବାର୍ତ୍ତା ଶୁଣିବା ପାଇଁ ମଧ୍ୟ ସୁଯୋଗ ପାଆନ୍ତି । ଆଦ୍ୟ ଦିନଗୁଡ଼ିକରେ, ଆମେ ଟେଲିଭିଜନରେ, ଏପରିକି ଚଳଚ୍ଚିତ୍ର, ନାଟକ ଓ ଆନ୍ତର୍ଜାତୀୟ ସମ୍ବାଦର ପ୍ରସାରଣ ସମୟରେ ୧୫ ମିନିଟ ପାଇଁ ପ୍ରଭୁଙ୍କର ବାର୍ତ୍ତା ପ୍ରଚାର କରୁଥିଲୁ । ଆମେ ଏହି ପ୍ରଚେଷ୍ଟାରୁ ସକାରାତ୍ମକ ଫଳ ପାଉଥିଲୁ ଓ ଏହା ଫଳରେ, ଅନେକ ସଂପୂର୍ଣ୍ଣ ସମୟ ଖ୍ରୀଷ୍ଟିୟାନ ଆତ୍ମିକ ଚ୍ୟାନେଲଗୁଡ଼ିକ ଆରମ୍ଭ ହୋଇଅଛି । ଏହା ଅନସ୍ୱୀକାର୍ଯ୍ୟ ଯେ ଆମେ ଏହି ବିକାଶରୁ ଉପକୃତ ହୋଇଅଛୁ ।

ଯଦିଓ ସେଲ୍‌ଫୋନଗୁଡ଼ିକ ବିପଜ୍ଜନକ ଉପକରଣ ହୋଇପାରେ, ତଥାପି ଆମେ ଯେଉଁ ଲୋକମାନେ ଅନନ୍ତ ଧ୍ୱଂସ ଦିଗରେ ଅଗ୍ରସର ହେଉଛନ୍ତି ଓ ଆତ୍ମହତ୍ୟା କରିବାର ନିଷ୍ପତ୍ତି ନେଉଛନ୍ତି, ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କର ଶକ୍ତିକୁ ଜଣାଇବା ଦ୍ୱାରା ସେମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଆମେ ଆମର ''ଆହ୍ୱାନର ପ୍ରତିଧ୍ୱନି'' ୟୁ-ଟ୍ୟୁବ ଚ୍ୟାନେଲ ଆରମ୍ଭ କରିଅଛୁ । ଆମେ ପ୍ରତିଦିନ ସକାଳ ୫ଟାରେ ତାମିଲ, ଇଂରାଜୀ, ହିନ୍ଦୀ ଓ ତେଲୁଗୁରେ ଗୋଟିଏ ଛୋଟ ବାର୍ତ୍ତା ପ୍ରସାରଣ କରି ଏହି ଜଗତର ଲୋକମାନଙ୍କ ଉଦ୍ଧାରର ଲକ୍ଷ୍ୟ ରଖିଅଛୁ । ଯଦିଓ ଲକ୍ଷ ଲକ୍ଷ ଲୋକ ଜାଗତିକ ବିଷୟରେ ଆସକ୍ତ ରହିବା ପାଇଁ ସେମାନଙ୍କର ସେଲ୍‌ଫୋନ ବ୍ୟବହାର କରୁଛନ୍ତି, ତଥାପି ସେହି ସମାନ ଉପକରଣକୁ ଖ୍ରୀଷ୍ଟ ବିହୀନ ଜୀବନ କାଟିବାର ପରିଣତିରୁ ସେମାନଙ୍କୁ ରକ୍ଷା କରିବା ପାଇଁ ବ୍ୟବହାର କରାଯାଇ ପାରୁଛି । ସେଥିପାଇଁ, ଆମେ ମଧ୍ୟ ଏହି ଯାନ୍ତ୍ରିକ କୌଶଳ ମାଧ୍ୟମରେ ଏହି ଲୋକମାନଙ୍କ ନିକଟରେ ପ୍ରଚାର କରୁଅଛୁ ଓ ପୃଥିବୀର ସମସ୍ତ କ୍ଷେତ୍ରରୁ ଆସୁଥିବା ଲୋକମାନେ ଏଥିରୁ ଉପକୃତ ହେଉଛନ୍ତି । ସେମାନେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ପ୍ରେମ ଓ ଯତ୍ନ ସାନ୍ତ୍ୱନା ପାଉଛନ୍ତି ।

## ଆମେ ଏଠାରେ କେତେ ସାକ୍ଷ୍ୟ ପ୍ରକାଶ କରୁଅଛୁ :

**''ମୁଁ ଆତ୍ମିକ ଭାବେ ଶ୍ରାନ୍ତକ୍ଳାନ୍ତ ଅନୁଭବ କରୁଥିଲି, ଆପଣଙ୍କର ବାର୍ତ୍ତା ମୋତେ ସାନ୍ତ୍ୱନା ଓ ଉତ୍ସାହ ଦେଇଥିଲା ।''**

**''ଜୀବନରେ ବିଭିନ୍ନ ବିପଦ ଯୋଗୁ, ମୁଁ ଆଉ ବଞ୍ଚିବାକୁ ଇଚ୍ଛା କରୁ ନ ଥିଲି । ଆପଣଙ୍କର ୟୁ-ଟ୍ୟୁବ ଚ୍ୟାନେଲରେ ପ୍ରାର୍ଥନା ବଞ୍ଚିବା ପାଇଁ ମୋର ଇଚ୍ଛାକୁ ଶକ୍ତିଯୁକ୍ତ କରିଥିଲା ।''**

**''ମୁଁ ଅସୁସ୍ଥ ଓ ଶଯ୍ୟାଶାୟୀ ଥିଲି । ୟୁ-ଟ୍ୟୁବ୍ ଚ୍ୟାନେଲରେ ଆପଣଙ୍କ ସାକ୍ଷ୍ୟ ମୋ' ପାଇଁ ସୁସ୍ଥତା ଆଣିଥିଲା ।''**

**ଗୋଟିଏ ପରିବାର ଭାବରେ, ଆମେ ଆପଣଙ୍କର ବାର୍ତ୍ତାଗୁଡ଼ିକୁ ଶୁଣୁଥିଲୁ ଓ ଆପଣଙ୍କର ପ୍ରାର୍ଥନାରେ ଯୋଗ ଦେଉଥିଲୁ । ଆମେ ଆମ ପରିବାର ଭିତରେ ସହଭାଗିତା ଓ ସୁସ୍ଥତାର ଅନୁଭୂତି ପାଇଥିଲୁ ।''**

**''ମୁଁ ଈଶ୍ୱରଙ୍କର ଜଣେ ଅବସରପ୍ରାପ୍ତ ଦାସ । ଆପଣଙ୍କର ୟୁ-ଟ୍ୟୁବ ଚ୍ୟାନେଲ ମୋତେ ଅନେକ କାର୍ଯ୍ୟ ଦେଇଛି । ମୁଁ ତାମିଲ୍, ତେଲୁଗୁ, ଇଂରାଜୀ ଓ ହିନ୍ଦୀରେ ପ୍ରସାରିତ ହେଉଥିବା ଆପଣଙ୍କର ସମସ୍ତ ବାର୍ତ୍ତାକୁ ଦେଖେ ଓ ଏହାପରେ ମୁଁ ଯେଉଁ ଦଳଗୁଡ଼ିକ ସହିତ ଅନ୍ତର୍ଭୁକ୍ତ, ସେମାନଙ୍କ ନିକଟକୁ ସେଗୁଡ଼ିକୁ ପ୍ରେରଣ କରେ । ଏହା ମୋର ସଂପୂର୍ଣ୍ଣ ସମୟ କାର୍ଯ୍ୟ ହୋଇଯାଇଛି । ଏହା ଏକ ଅତି ଉତ୍ତମ ସେବାକାର୍ଯ୍ୟ ଓ ଆପଣଙ୍କର ବାର୍ତ୍ତାଗୁଡ଼ିକ ପ୍ରକୃତରେ ଆଶୀର୍ବାଦଯୁକ୍ତ ଓ ବିଶ୍ୱବ୍ୟାପୀ ଅଗଣିତ ଲୋକମାନଙ୍କର ଜୀବନ-ରକ୍ଷାକାରୀ ଅଟେ । ଏହା କରି ଚାଲନ୍ତୁ । ମୁଁ ଆପଣଙ୍କ ସେବାକାର୍ଯ୍ୟର ଏହି ୫୫ ବର୍ଷର ସମୟ ମଧ୍ୟରେ ଆପଣଙ୍କର କଠିନ ପରିଶ୍ରମକୁ ପ୍ରଶଂସା ନ କରି ରହି ପାରୁ ନାହିଁ, କାରଣ ମୁଁ ଆପଣଙ୍କୁ ବିଗତ ୫୦ ବର୍ଷ ଧରି ଜାଣିଛି ।''**

**''ଆମେ ଯେଉଁ ଦିନଠାରୁ ପ୍ରତି ସକାଳେ ଆପଣଙ୍କର ୟୁ-ଟ୍ୟୁବ୍ ଚ୍ୟାନେଲରେ ଆପଣଙ୍କର ବାର୍ତ୍ତାଗୁଡ଼ିକୁ ଶୁଣିବା ଆରମ୍ଭ କରିଥିଲୁ, ସେହି ଦିନଠାରୁ ଆମେ ନିୟମିତ ଭାବରେ ଆମ ମଣ୍ଡଳୀ-ଉପାସନାରେ ଯୋଗ ଦେଉଛୁ ଓ ଆତ୍ମାରେ ଓ ସତ୍ୟରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଆରାଧନା କରୁଅଛୁ । ଆପଣଙ୍କର ୟୁ-ଟ୍ୟୁବ ବାର୍ତ୍ତା ଶୁଣିବା ପରେ, ମୁଁ ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ମୋର ବ୍ୟକ୍ତିଗତ ପ୍ରାର୍ଥନା ଓ ପାରିବାରିକ ପ୍ରାର୍ଥନା ଆରମ୍ଭ କରିଛି ।''**

ଆମେ ସମାନ ଅନୁଭୂତି ପାଇଥିବା ବ୍ୟକ୍ତିମାନଙ୍କଠାରୁ ଅସଂଖ୍ୟ ପ୍ରତିକ୍ରିୟା ପାଉଅଛୁ । ସେଥିପାଇଁ ଆମେ ଏହି ୟୁ-ଟ୍ୟୁବ୍ ଚ୍ୟାନେଲ ସେବାକାର୍ଯ୍ୟ ଆରମ୍ଭ କରିଅଛୁ । ଈଶ୍ୱରଙ୍କ ଇଚ୍ଛା ସାଧିତ ହେଉ ବୋଲି ପ୍ରାର୍ଥନା କରନ୍ତୁ ।

ଆମେ ଏହିସବୁ ସାକ୍ଷ୍ୟ ପାଇଁ କୃତଜ୍ଞ ଅଟୁ ଓ ସମଗ୍ର ବିଶ୍ୱରେ ଆମର ସେବାକାର୍ଯ୍ୟ ଯେଉଁ ପ୍ରଭାବ ପକାଇଛି, ସେଥି ନିମନ୍ତେ ଆନନ୍ଦ କରୁଅଛୁ ।

ଯଦି ଆପଣମାନେ ଆଗ୍ରହୀ, ତେବେ ଦୟାକରି ୦୯୮୪୧୦୭୧୮୫୮ ସେଲ୍‌ଫୋନ ନମ୍ବର ବ୍ୟବହାର କରି ଆମର ''ଆହ୍ୱାନର ପ୍ରତିଧ୍ୱନି ଚ୍ୟାନେଲ''ର ସଭ୍ୟ ହୁଅନ୍ତୁ ।

ଆପଣ ୦୯୮୪୧୨୭୧୮୫୭ ବ୍ୟବହାର କରି ୱାଟ୍‌ସଆପ୍ ଓ ସେଲ୍‌ଫୋନ ମାଧ୍ୟମରେ ବ୍ୟକ୍ତିଗତ ଭାବରେ ମଧ୍ୟ ମୋ' ସହିତ ଯୋଗାଯୋଗ କରିପାରିବେ ।

ଦୟାକରି ଆପଣଙ୍କର ସେଲ୍‌ଫୋନ୍‌ରେ ଏହି ଦୁଇଟି ମୋବାଇଲ ନମ୍ବରକୁ ସଂରକ୍ଷଣ କରନ୍ତୁ କାରଣ ଆପଣମାନଙ୍କ ସହିତ ଏକ ଘନିଷ୍ଠ ସହଭାଗିତା ରଖିବା ଆମର ଇଚ୍ଛା ଅଟେ । ଆମେ ସେହି ପ୍ରତ୍ୟେକଙ୍କ ପାଇଁ ଆପଣମାନଙ୍କର ପ୍ରାର୍ଥନା ଚାହୁଁଛୁ ଯେଉଁମାନେ ଏହି ସେବାକାର୍ଯ୍ୟରେ ଆନ୍ତରିକ ଭାବେ କାର୍ଯ୍ୟ କରୁଛନ୍ତି ।

ଏହା ସହିତ, ଏହି ସେବାକାର୍ଯ୍ୟର ଉନ୍ନତି ନିମନ୍ତେ ଓ ଅଗ୍ରସର ହେବା ପାଇଁ ଉତ୍ସାହିତ ହେବା ନିମନ୍ତେ ଆମେ ଆପଣମାନଙ୍କର ପରାମର୍ଶ ଓ ସହାୟତା ଆବଶ୍ୟକ କରୁଅଛୁ ।

ଆମେ ବିଭିନ୍ନ ପ୍ରକାର ଆତ୍ମିକ ଯୁଦ୍ଧର ସମ୍ମୁଖୀନ ହେଉଅଛୁ ଓ ଈଶ୍ୱରଙ୍କର ଯେଉଁ ଅନେକ ସହଦାସ ଆମ ପାଖେ ପାଖେ ଥାଇ କାର୍ଯ୍ୟ କରୁଛନ୍ତି, ସେମାନେ ସେମାନଙ୍କ ଶରୀରରେ ବିଭିନ୍ନ ଦୁର୍ବଳତା ଓ ଅସୁସ୍ଥତା ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ଆପଣମାନଙ୍କ ଉପରେ ଈଶ୍ୱରଙ୍କର ସୁରକ୍ଷା ରହୁ ବୋଲି ଆମେ ପ୍ରାର୍ଥନା କରୁଅଛୁ ।

ଈଶ୍ୱରଙ୍କର ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ । ଆମେନ୍ !

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍

(+91) 98412 71858 / 98410 71858,

E.mail : samselvaraj333@gmail.com

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଯୀଶୁ ଏହା ଜାଣିଥିଲେ ଯେ ଅସାଧାରଣ ବିଶ୍ୱାସ ସାଧାରଣ ମାଧ୍ୟମରେ ପ୍ରାପ୍ତ ହେବା ସମ୍ଭବ ନୁହେଁ ଓ ସେଥିପାଇଁ ସେ ଆମକୁ ସେହି ପବିତ୍ର ଆତ୍ମାଙ୍କର ପ୍ରତିଜ୍ଞା ଦେଇଛନ୍ତି, ଯିଏ ଆମର ଶକ୍ତି (ବିଶ୍ୱାସ) ପ୍ରଦର୍ଶନ କରିବା ପାଇଁ ଆମକୁ ଶକ୍ତିଯୁକ୍ତ କରିବେ ।

ପ୍ରେରିତ ୧:୮ କହିଛି, **"କିନ୍ତୁ ପବିତ୍ର ଆତ୍ମା ତୁମ୍ଭମାନଙ୍କ ଉପରେ ଅବତରଣ ହୁଅନ୍ତେ, ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ, ଆଉ ଯିରୂଶାଲମ, ସମସ୍ତ ଯିହୂଦା ପ୍ରଦେଶ ଓ ଶମିରୋଣ ପୁଣି ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା ମୋହର ସାକ୍ଷୀ ହେବ ।"** ଯଦି ଆମେ ଯୀଶୁଙ୍କ ଶିଷ୍ୟମାନଙ୍କର ଜୀବନକୁ ପରୀକ୍ଷା କରିବା, ତେବେ ସେମାନେ ପବିତ୍ର ଆତ୍ମାଙ୍କ ଅନୁଭୂତି ପାଇବା ପୂର୍ବରୁ ଓ ପରେ ସେମାନଙ୍କ ଜୀବନରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଭିନ୍ନତା ଆମେ ଲକ୍ଷ୍ୟ କରିପାରିବା । ଯେଉଁ ପିତର ଅନେକ ଲୋକଙ୍କ ସମ୍ମୁଖରେ ଯୀଶୁଙ୍କୁ ତିନିଥର ଅସ୍ୱୀକାର କରିଥିଲେ, ସେ ହଜାର ହଜାର ଲୋକଙ୍କ ମଧ୍ୟରେ ସାହସର ସହିତ ସୁସମ୍ବାଦ ପ୍ରଚାର କରିବା ପାଇଁ ସମର୍ଥ ଥିଲେ । ସେ କେଉଁଠାରୁ ଏହି ସାହସ ପାଇଥିଲେ ? ଏହା ତାଙ୍କ ମଧ୍ୟରେ କାର୍ଯ୍ୟ କରୁଥିବା ପବିତ୍ର ଆତ୍ମାଙ୍କ ଶକ୍ତି ଥିଲା ।

## ବିଶ୍ୱାସ ଯାହା କାର୍ଯ୍ୟ କରେ !

ପ୍ରେରିତ ୩ ଅଧ୍ୟାୟ ପବିତ୍ର ଆତ୍ମାଙ୍କ ପରିବର୍ତ୍ତନକାରୀ ଶକ୍ତିକୁ ଓ ଏହା କିପରି କେବଳ ବିଶ୍ୱାସ ପ୍ରୟୋଗ ଦ୍ୱାରା ଜଣେ ସାଧାରଣ ବ୍ୟକ୍ତିକୁ ଅସାଧାରଣ ବ୍ୟକ୍ତିରେ ପରିଣତ କରିପାରେ, ଏହାକୁ ବିଶଦ ଭାବରେ ପ୍ରଦର୍ଶନ କରିଛି । ଯେତେବେଳେ ଆମେ ଆମର ବିଶ୍ୱାସକୁ କାର୍ଯ୍ୟରେ ଲଗାଉ, ସେତେବେଳେ କ'ଣ ଘଟେ, ଏହାର ଏକ ଏକ ଦୃଷ୍ଟାନ୍ତ ଯୋଗାଇଛି । ଏହି ବିବରଣୀ ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରାପ୍ତ ହେବା ପରେ ଶିଷ୍ୟମାନଙ୍କ ଦ୍ୱାରା ସାଧିତ ପ୍ରଥମ ଆଶ୍ଚର୍ଯ୍ୟକର୍ମର ବର୍ଣ୍ଣନା କରିଛି ।

## ପ୍ରେରିତ ୩ ଅଧ୍ୟାୟ : ପିତର ଓ ଯୋହନ

### ଆସନ୍ତୁ, ଆମେ ଏହି ଅଧ୍ୟାୟ ମଧ୍ୟକୁ ପ୍ରବେଶ କରିବା :

ପିତର, ଯୋହନ ଓ ଖଞ୍ଜ ଲୋକ ଏହି ତିନି ଜଣଙ୍କ ପାଇଁ ଏହା ଏକ ସାଧାରଣ ଦିନ ହୋଇଥିବ । ବୁଝିବା ପାଇଁ, ଆସନ୍ତୁ, ସେହି ଖଞ୍ଜ ଲୋକକୁ ଟମ୍ ନାମରେ ଡାକିବା ।

ଏହି ତିନିଜଣ ବ୍ୟକ୍ତି ମନ୍ଦିରକୁ ଯିବା ପାଇଁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟସୂଚୀ ଅନୁସରଣ କରିଥିବେ । ପିତର ଓ ଯୋହନ ପ୍ରଭୁଙ୍କର ଉପାସନା କରିବା ପାଇଁ ଯାଉଥିଲେ ଓ ଟମ୍ ନିଜର ଅର୍ଥ ରୋଜଗାର କରିବାକୁ ବାହାରିଥିଲା । ଈଶ୍ୱର ସେହିଦିନ ନିମନ୍ତେ କ'ଣ ଯୋଜନା କରିଥିଲେ, ତାହା ସେମାନଙ୍କ ମଧ୍ୟରୁ କେହି ଜାଣି ନ ଥିଲେ । ଏହା ଏକ ଜୀବନ – ପରିବର୍ତ୍ତନକାରୀ ଦିନ ହେବ ବୋଲି ସେମାନେ ଯେ ଉପଲବ୍ଧି କରିଥିବେ, ଏହା ମୁଁ ଭାବୁ ନାହିଁ ।

### ପୃଷ୍ଠଭୂମିର କାହାଣୀ :

ଏକ ନିୟମିତ କାର୍ଯ୍ୟ ଭାବରେ, ପିତର ଓ ଯୋହନ ଈଶ୍ୱରଙ୍କ ମନ୍ଦିରକୁ ଯାଉଥିଲେ । ଏହିପରି ଗୋଟିଏ ଦିନରେ ସେମାନେ ଟମ୍‌ର ସାକ୍ଷାତ୍ ପାଇଲେ ଯିଏ ମନ୍ଦିରର ଦ୍ୱାର ନିକଟକୁ ଲୋକମାନଙ୍କ ଦ୍ୱାରା ବୁହା ହୋଇ ଆସୁଥିଲା ଓ ସେଠାରେ ବସି ଭିକ୍ଷା ମାଗୁଥିଲା । ଟମ୍ ଜନ୍ମ ସମୟରୁ ଖଞ୍ଜ ଥିଲା ଓ ବର୍ତ୍ତମାନ ତାକୁ ୪୦ ବର୍ଷ ବୟସ ହୋଇଥିଲା । ସେ ନିଶ୍ଚୟ ସେହି ଆଖ ପାଖ ଅଞ୍ଚଳର ଯିହୁଦୀମାନଙ୍କ ପାଇଁ ଏକ ଲୋକପ୍ରିୟ ଓ ଅତି ପରିଚିତ ବ୍ୟକ୍ତି ଥିଲା । ଶହ ଶହ ଲୋକ ମନ୍ଦିରକୁ ଯିବା ଆସିବା କରୁଥିବେ ଓ ଏହି ଲୋକଟିକୁ ଦେଖି କେହି କେହି କିଛି ଟଙ୍କା ଦେଉଥିବେ ଓ କେହି କେହି ତା' ପ୍ରତି ଅବଜ୍ଞା କରୁଥିବେ ।

ଦୁଃଖର ବିଷୟ ହେଉଛି, ଏହି ବ୍ୟକ୍ତି ନିଜ ଜୀବନର ୪୦ ବର୍ଷ ମନ୍ଦିର ବାହାରେ ବସି କାଟି ଦେଇଥିଲା । ଯଦି ଆପଣ ତାକୁ ପଚାରିଥା'ନ୍ତେ, ତେବେ ହୁଏତ ସେ ଆପଣଙ୍କୁ ମନ୍ଦିରର ସମସ୍ତ ପ୍ରଥା ଓ ପରଂପରା ଓ ମନ୍ଦିରକୁ ଆସୁଥିବା ସମସ୍ତ ଲୋକଙ୍କର ନାମ ଓ ପାରିବାରିକ ବିବରଣୀ କହି ପାରିଥା'ନ୍ତା । ସେ ହୁଏତ ସମସ୍ତ ମଣ୍ଡଳୀ ନେତାଙ୍କୁ ଜାଣିଥିବ ଓ ମନ୍ଦିରରେ ଗାୟନ କରାଯାଉଥିବା ସମସ୍ତ ଗୀତକୁ ଶୁଣିଥିବ । ସେ ଅନେକ ଶିକ୍ଷା ମଧ୍ୟ ଶୁଣିଥିବ, ତଥାପି ସେ ମନ୍ଦିରର ବାହାରେ ବସି ରହିଥିଲା । ମନ୍ଦିର ଭିତରକୁ ତାକୁ ନେବା ପାଇଁ କେହି ନ ଥିଲେ ।

ଏହା ପରିଚିତ ଶୁଭୁଛି କି ? ଆମ ମଧ୍ୟରୁ କେତେଜଣ ଏହିପରି ଅଛୁ । ଈଶ୍ୱର କିଏ, ତାହା ଆମେ ଜାଣୁ ଓ ଆମେ ତାଙ୍କର ଆଶ୍ଚର୍ଯ୍ୟକର୍ମ, ତାଙ୍କର ଭୟଙ୍କର ଶକ୍ତି ବିଷୟରେ ଶୁଣିଛୁ ଓ ଅନେକ ବାର୍ତ୍ତା ଓ ଅନେକ ଗୀତ ମଧ୍ୟ ଶୁଣିଛୁ । ମାତ୍ର ଆମେ ଏପର୍ଯ୍ୟନ୍ତ ତାଙ୍କ ଉପସ୍ଥିତିର ବାହାରେ ଠିଆ ହୋଇଛୁ ଓ ଈଶ୍ୱରଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କରିପାରୁ ନାହୁଁ । ଆମ ମଧ୍ୟରୁ କେତେଜଣ ଆମର ଅତୀତ ଗୌରବ ବିଷୟରେ ଗୀତ ଗାଆନ୍ତି । ଆମେ ଏହିପରି କିମ୍ବା ସେହିପରି ଥିଲୁ । ମାତ୍ର ବର୍ତ୍ତମାନ କ'ଣ ? ଖ୍ରୀଷ୍ଟଙ୍କ ସହିତ ଆପଣଙ୍କର ଗମନାଗମନ କାହିଁ ? ଆପଣ ତାଙ୍କ ଉପସ୍ଥିତିର ଭିତରେ କିମ୍ବା ବାହାରେ ଅଛନ୍ତି ?

ଟମ୍‌କୁ ମନ୍ଦିର ଭିତରକୁ ନେବା ପାଇଁ କେହି ନ ଥିଲେ । ଯଦି ଆପଣ ଈଶ୍ୱରଙ୍କ ଉପସ୍ଥିତିର ବାହାରେ ବସିଛନ୍ତି, ଦୂରରେ ଅଛନ୍ତି, ତେବେ ଏହି ବାର୍ତ୍ତା ହୁଏତ ଆପଣଙ୍କୁ ଈଶ୍ୱରଙ୍କ ଉପସ୍ଥିତିର ନିକଟକୁ ଆଣିବ ।

ସେହିଦିନ ହଠାତ୍, ଯେତେବେଳେ ଟମ୍ ପୂର୍ବଭଳି ଭିକ୍ଷା ମାଗୁଥିଲା, ସେତେବେଳେ ପିତର ତା' ପ୍ରତି ସ୍ଥିର

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


नहेम्याह बाइबल कॉलेज
रेसिडेन्शल कॉलेज, चेन्नई।

माध्यम: हिन्दी

सदस्यता के लिए पंजीकृत उम्मीदवार - ATA

ECHO OF HIS CALL 1969-2019 REACHING NATIONS

Regd. Candidate for Membership ATA NEHEMIAH BIBLE COLLEGE CHENNAI ECHO OF HIS CALL Estd. 1969

सुविख्यात अंतर्राष्ट्रीय मसीही अगुवे तथा पिछले 54 वर्षों से सेवारत वरिष्ठ पासवान

Diploma in Ministry : One year
Diploma in Theology : Two years
Bachelor of Theology : Three years

योग्यता 10 वी या अधिक
जल्दी करें!

Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

✶ ऑनलाइन कक्षाएं उपलब्ध हैं ✶

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)
ପ୍ରଶଂସା ଓ ପ୍ରାର୍ଥନାର ବିଷୟ,
(୨୦୨୩ ଅକ୍ଟୋବର ୧୯ ରୁ ୨୦୨୩ ନଭେମ୍ବର ୧୮ ପର୍ଯ୍ୟନ୍ତ)
(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

- ଅକ୍ଟୋବର ୧୯ ⇨ ୧୯୬୯ ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ପ୍ରତିବଦ୍ଧତା ଉପରେ ଆମକୁ ଆଶୀର୍ବାଦ କରିଥିବାରୁ ।
- ଅକ୍ଟୋବର ୨୦ ⇨ ଆମର ପତ୍ରିକା ସେବାକାର୍ଯ୍ୟ ମାଧ୍ୟମରେ ଅପହଞ୍ଚ ଲୋକମାନଙ୍କ ନିକଟରେ ସୁସମାଚାର ପ୍ରସାର କରିବା ଉପରେ ଆଶୀର୍ବାଦ କରିଥିବାରୁ ।
- ଅକ୍ଟୋବର ୨୧ ⇨ ୫୫ ତମ ବର୍ଷ ମଧ୍ୟକୁ ଆମ ପ୍ରବେଶକୁ ଚିହ୍ନଟ କରିବା ପାଇଁ ବାର୍ଷିକ ସମ୍ମିଳନୀର ଆୟୋଜନ କରିବାରେ ଆମକୁ ସାହାଯ୍ୟ କରିଥିବାରୁ ।
- ଅକ୍ଟୋବର ୨୨ ⇨ ଗତ ମାସରେ ଆମ ‘‘ଆହ୍ୱାନର ପ୍ରତିଧ୍ୱନି’’ ସେବାକାର୍ଯ୍ୟର କାର୍ଯ୍ୟକଳାପ ନିମନ୍ତେ ।
- ଅକ୍ଟୋବର ୨୩ ⇨ ଆମର ଛାପାକଳରେ ୧୬ଟି ଭାଷାରେ ଆମର ପତ୍ରିକାକୁ ଛପାଇ ତାକୁ ପ୍ରକାଶ କରିବା ପାଇଁ ଓ ମିଶନ କ୍ଷେତ୍ରକୁ ପ୍ରେରଣ କରିବା ପାଇଁ ଆମକୁ ସାମର୍ଥ୍ୟ ଦେଇଥିବାରୁ ।
- ଅକ୍ଟୋବର ୨୪ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟ, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ପ୍ରତି ତାଙ୍କର ଦୟା ନିମନ୍ତେ ।
- ଅକ୍ଟୋବର ୨୫ ⇨ ଆମର ବାଇବଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ ।
- ଅକ୍ଟୋବର ୨୬ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।
- ଅକ୍ଟୋବର ୨୭ ⇨ ଆମର ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକ ନିମନ୍ତେ ।
- ଅକ୍ଟୋବର ୨୮ ⇨ ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରଚାର କରିବା ପାଇଁ ବରିଷ୍ଠ ପାଳକଙ୍କର ପ୍ରତିବଦ୍ଧତା ନିମନ୍ତେ ।
- ଅକ୍ଟୋବର ୨୯ ⇨ ଆମର ଦେଶର ସୁରକ୍ଷା ନିମନ୍ତେ ।
- ଅକ୍ଟୋବର ୩୦ ⇨ ଅନ୍ୟ ସେବାକାର୍ଯ୍ୟଗୁଡ଼ିକୁ ମଧ୍ୟ ସହାୟତା ଦେବାରେ ଆମକୁ ସମର୍ଥ କରିଥିବାରୁ ।
- ଅକ୍ଟୋବର ୩୧ ⇨ ଆମର ସହାୟତାକାରୀ ଓ ଆମ ସେବାକାର୍ଯ୍ୟରେ ସେମାନଙ୍କର ଅନ୍ତର୍ଭୁକ୍ତି ନିମନ୍ତେ ।
- ନଭେମ୍ବର ୧ ⇨ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମର ସମସ୍ତ କାର୍ଯ୍ୟ ନିମନ୍ତେ ।
- ନଭେମ୍ବର ୨ ⇨ ସମଗ୍ର ପୃଥିବୀରେ ବାଇବଲ ଓ ଖ୍ରୀଷ୍ଟୀୟ ପତ୍ରିକା ଛାପିବାରେ ଅନ୍ତର୍ଭୁକ୍ତ ଥିବା ଲୋକମାନଙ୍କର ଆବଶ୍ୟକତା ପୂରଣ କରୁଥିବାରୁ ।
- ନଭେମ୍ବର ୩ ⇨ ଆମର ବରିଷ୍ଠ ପାଳକ ଏସ.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସ୍ୱର୍ଗୀୟ ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଦେଇଥିବାରୁ ।

## ପ୍ରାର୍ଥନାର ବିଷୟ

- ନଭେମ୍ବର ୪ ⇨ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କର ଶୃଙ୍ଖଳା ଓ ସମର୍ପଣ ନିମନ୍ତେ ।
- ନଭେମ୍ବର ୫ ⇨ ‘ଆହ୍ୱାନର ପ୍ରତିଧ୍ୱନି’ ମୁଖ୍ୟ ଉପାସନାଳୟ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଥିବା ବିଶ୍ୱାସୀ ଓ ସେମାନଙ୍କ ପରିବାର ଗୁଡ଼ିକର ମଙ୍ଗଳ ନିମନ୍ତେ ।
- ନଭେମ୍ବର ୬ ⇨ ନିଶା ଓ ଅଫିମ ଆସକ୍ତିରୁ ପିଲା ଓ ଯୁବକମାନଙ୍କର ସୁରକ୍ଷା ନିମନ୍ତେ ।
- ନଭେମ୍ବର ୭ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ଗୁଡ଼ିକର ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।
- ନଭେମ୍ବର ୮ ⇨ ଆମର ଅନୁଷ୍ଠାନ, ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ଗୁଡ଼ିକ ଉପରେ ଆଶୀର୍ବାଦ ନିମନ୍ତେ ।
- ନଭେମ୍ବର ୯ ⇨ ନିଜର ଆତ୍ମ-ଜୀବନୀ ଲେଖିବା ପାଇଁ ଆମର ବରିଷ୍ଠ ପାଳକଙ୍କୁ ଅନୁମତି ଓ ନିରନ୍ତର ଚାଳନା ଦେବା ନିମନ୍ତେ ।
- ନଭେମ୍ବର ୧୦ ⇨ ସମସ୍ତ ଦେଶର ଏକତା ଓ ଶାନ୍ତି ନିମନ୍ତେ ।
- ନଭେମ୍ବର ୧୧ ⇨ ସମଗ୍ର ପୃଥିବୀର ଲୋକମାନଙ୍କର ସୁରକ୍ଷା ଓ ମଙ୍ଗଳ ନିମନ୍ତେ ।
- ନଭେମ୍ବର ୧୨ ⇨ ଭାରତର ଅପହଞ୍ଚ ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ସାମର୍ଥ୍ୟ ନିମନ୍ତେ ।
- ନଭେମ୍ବର ୧୩ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାରର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।
- ନଭେମ୍ବର ୧୪ ⇨ ବିଶ୍ୱରୁ ଶିଶୁଚାଲାଣ ଦୂର କରିବା ନିମନ୍ତେ ।
- ନଭେମ୍ବର ୧୫ ⇨ ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକ ଉପରେ ଆଶୀର୍ବାଦ ଓ ସୁରକ୍ଷା ନିମନ୍ତେ ।
- ନଭେମ୍ବର ୧୬ ⇨ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର କର୍ମଚାରୀମାନଙ୍କର ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।
- ନଭେମ୍ବର ୧୭ ⇨ ଓମିକ୍ରୋନ ଓ ବି.ଏ.୨.୮୬ ଭଳି କୋଭିଡ୍ ଭୂତାଣୁ ପ୍ରସାରର ପ୍ରତିରୋଧ ନିମନ୍ତେ ।
- ନଭେମ୍ବର ୧୮ ⇨ ସମସ୍ତ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟରେ ଯେପରି ମହା ଆଶ୍ଚର୍ଯ୍ୟକର୍ମ, ଅଦ୍ଭୁତ କାର୍ଯ୍ୟ ଓ ଚିହ୍ନ ସଂଘଟିତ ହେବ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଦୃଷ୍ଟିରେ ଚାହିଁ ତାକୁ କହିଲେ, ''ମୋ' ଆଡକୁ ଚାହଁ ।'' ପିତର କିପରି ତାଙ୍କ ଉପରେ ତା' ଦୃଷ୍ଟିକୁ ନିବଦ୍ଧ କରାଇଥିଲେ? ଟମ୍ ପିତର ଓ ଯୋହନଙ୍କୁ କୌଣସି ସାଧାରଣ ବିଷୟ ବ୍ୟତୀତ ଅନ୍ୟ କିଛି ମାଗିବା ଭଳି ମନେ ହେଉ ନାହିଁ । ଏହା କେବଳ ଚାଲି ଯାଉଥିବା ପ୍ରତ୍ୟେକ ଲୋକ ପ୍ରତି ଏକ ସାଧାରଣ ନିବେଦନ ଥିଲା । କିନ୍ତୁ, ପିତର ଟମ୍‌ଙ୍କର ସଂପୂର୍ଣ୍ଣ ଦୃଷ୍ଟି ଚାହୁଁଥିଲେ କାରଣ ପିତର ଜାଣିଥିଲେ ଯେ ସେମାନଙ୍କ ଉଭୟଙ୍କର ଜୀବନରେ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିବାକୁ ଯାଉଅଛି । ସେ ବିଶ୍ୱାସକୁ କାର୍ଯ୍ୟରେ ପରିଣତ କରିବାକୁ ଯାଉଥିଲେ । ସେଥିପାଇଁ, ସେ ତା'ର ସଂପୂର୍ଣ୍ଣ ଓ ଏକାଗ୍ର ଦୃଷ୍ଟି ଚାହୁଁଥିଲେ ।

ଯେତେବେଳେ ପବିତ୍ର ଆତ୍ମା ଆସନ୍ତି, ସେତେବେଳେ ସେ ଆମକୁ ଆମ ପ୍ରଭୁଙ୍କ ପାଇଁ ଅସାଧାରଣ ଓ ମହାନ୍ କାର୍ଯ୍ୟ କରିବା ନିମନ୍ତେ ଶକ୍ତି ପ୍ରଦାନ କରନ୍ତି । ସେମାନଙ୍କ ବିଶ୍ୱାସ କାର୍ଯ୍ୟ କରିବା ଆରମ୍ଭ କରିଥିଲା । ଈଶ୍ୱର ଆଶା କରନ୍ତି ଯେପରି ଆମର ବିଶ୍ୱାସ ଏକ ଅସାଧାରଣ ବିଶ୍ୱାସ ହେବ ।

## ୧. ଅସାଧାରଣ ବିଶ୍ୱାସ ପାଇଁ ଅସାଧାରଣ ଦର୍ଶନ ଆବଶ୍ୟକ ହୁଏ– ଦୃଶ୍ୟ ବିଷୟର ଉର୍ଦ୍ଧ୍ୱରେ ଦେଖିବା ପାଇଁ ସମର୍ଥ ହେବା

ପିତର ଟମ୍‌କୁ ତା'ର ଶାରୀରିକ ଅବସ୍ଥାର ଉର୍ଦ୍ଧ୍ୱରେ ଦେଖିଥିଲେ । ସେ ଏକ ଶାରୀରିକ ଅକ୍ଷମ ବ୍ୟକ୍ତି, ଜଣେ ଭିକ୍ଷୁକ ଥିଲା । ତା'ର କୌଣସି ଅର୍ଥନୈତିକ ସମ୍ବଳ ନ ଥିଲା ଓ ତା'ର ଦୈନନ୍ଦିନ କାର୍ଯ୍ୟ ପାଇଁ ତାକୁ କୌଣସି ନା କୌଣସି ବ୍ୟକ୍ତି ଉପରେ ନିର୍ଭର କରିବାକୁ ପଡୁଥିଲା । ପିତର ତାକୁ ଅଳ୍ପ କିଛି ମୁଦ୍ରା ଦେଇ ପ୍ରଭୁଙ୍କର ଉପାସନା କରିବା ପାଇଁ ଚାଲି ଯାଇ ପାରିଥା'ନ୍ତେ । ମାତ୍ର ସେ କିଛି ସମୟ ଅଟକି ଯାଇ ଏହି ବ୍ୟକ୍ତି ସହିତ ସମୟ କାଟିବା ପାଇଁ ସ୍ଥିର କରିଥିଲେ । ପିତର ମନ୍ଦିରକୁ ଯିବା ପାଇଁ ତରବର ହୋଇ ପାରିଥା'ନ୍ତେ, ମାତ୍ର ସେ ଏହି ବ୍ୟକ୍ତିକୁ କିଛି ସମୟ ଦେଇଥିଲେ । ଆମ ନିକଟରେ ଆମର ଚତୁପାର୍ଶ୍ୱସ୍ଥ ଲୋକମାନଙ୍କ ପାଇଁ ସମୟ ଅଛି କି, କିମ୍ବା ଆମେ ନିଜ ନିଜ କାର୍ଯ୍ୟ କରିବାରେ ଅତି ବ୍ୟସ୍ତ ରହି ଏଣେ ତେଣେ ଦୌଡୁଥାଉ ? ଆମ ମଧ୍ୟରୁ କେତେଜଣ ନିଜ ନିଜର ବ୍ୟକ୍ତିଗତ, ବୃତ୍ତିଗତ ଓ ଆତ୍ମିକ ଜୀବନ ଉପରେ ଏପରି ଦୃଷ୍ଟିନିବଦ୍ଧ କରିଥା'ନ୍ତି ଯେ ସେମାନେ ସେମାନଙ୍କ ଚତୁଃପାର୍ଶ୍ୱସ୍ଥ ଲୋକମାନଙ୍କର ଆବଶ୍ୟତକାଗୁଡ଼ିକୁ ଦେଖି ପାରନ୍ତି ନାହିଁ ।

ଏଠାରେ ପିତର ଅଟକି ଯାଇଥିବାର ଆମେ ଦେଖୁ ! ସେ କେବଳ ଜଣେ ବ୍ୟକ୍ତି ପାଇଁ ମନ୍ଦିରକୁ ପ୍ରବେଶ କରିବାରେ ବିଳମ୍ବ କରିଥିଲେ । ମୁଁ ଭାବୁଛି, ସେ ନିଜ ଗୁରୁଙ୍କଠାରୁ ଏହି ବିଷୟ ଶିକ୍ଷା କରିଥିବେ – ଜଣେ ବ୍ୟକ୍ତି ପାଇଁ ଅଟକି ଯିବା ।

ଯୀଶୁ ଡିମ୍ବିରି ବୃକ୍ଷ ଉପରେ ବସିଥିବା ଜଣେ ବ୍ୟକ୍ତି ପାଇଁ ଅଟକି ଯାଇଥିଲେ । ଯୀଶୁ ଜଣେ ୧୨ ବର୍ଷର ପ୍ରଦରଗ୍ରସ୍ତା ସ୍ତ୍ରୀ ପାଇଁ ଠିଆ ହୋଇ ଯାଇଥିଲେ । ସେ କୂପ ନିକଟରେ ଥିବା ଜଣେ ସ୍ତ୍ରୀ ପାଇଁ ସମଗ୍ର ପଥ ଅତିକ୍ରମ କରିଥିଲେ । ଦେକାପଲ୍ଲୀ ନିକଟରେ ଥିବା ଜଣେ ମାନସିକ ରୋଗୀକୁ ସାକ୍ଷାତ୍ କରିବା ପାଇଁ ସେ ଗୋଟିଏ ବଡ଼ ଝଡ଼ ଅତିକ୍ରମ କରିଥିଲେ । ସେଥିପାଇଁ ପିତର ଜଣେ ମାତ୍ର ବ୍ୟକ୍ତିର ଗୁରୁତ୍ୱକୁ ଜାଣିଥିବେ ! ଆସନ୍ତୁ, ଆମେ ଆମ ନିଜ ନିଜ ଉପରେ ଚିନ୍ତା କରିବା । ଶେଷଥର ଆପଣ କେବେ କୌଣସି ବ୍ୟକ୍ତି ପ୍ରତି ପ୍ରେମ, ଯତ୍ନ ଓ ଧ୍ୟାନ ଦେବା ପାଇଁ ଅଟକି ଯାଇଥିଲେ ?

ପିତର ସେହି ବ୍ୟକ୍ତିର ଶାରୀରିକ ଅବସ୍ଥାର ଉର୍ଦ୍ଧ୍ୱରେ ତା'ର ଆତ୍ମିକ ଉଦ୍ଧାରର ଆବଶ୍ୟକତାକୁ ଦେଖି ପାରିଥିଲେ । ସେ କହିଥିଲେ, ''ମୋ' ଆଡକୁ ଚାହଁ ।'' ... ସେ ତା' ପ୍ରତି ଏକ ଦୃଷ୍ଟିରେ ଚାହିଁଥିଲେ ।... ଆମେ ଲୋକମାନଙ୍କର ଶାରୀରିକ ସ୍ଥିତିର ଉର୍ଦ୍ଧ୍ୱରେ ଦେଖିବାକୁ ସମର୍ଥ ଅଟୁ କି ? ଅନେକ ଥର, ଆମେ ସମାଲୋଚକ ହୋଇଯାଉ । କିଏ ଯୀଶୁଙ୍କୁ ଆବଶ୍ୟକ କରୁଛି ଓ କିଏ ଆବଶ୍ୟକ କରୁ ନାହିଁ ଏହା ଆମେ ସ୍ଥିର କରୁ । ଆମେ ପ୍ରାୟ ଏହିପରି କଥା ଶୁଣୁ, ଯଥା – ''ସେ ଶୁଣିବ ନାହିଁ'' କିମ୍ବା ''ତାକୁ କିଏ କହିବ ?'' ଏପରିକି ଆମର ସାକ୍ଷ୍ୟକୁ ଜଣାଇବା ବିଷୟରେ ମଧ୍ୟ ଆମେ ବାଛ ବିଚାର କରୁ । ଜଣେ ବ୍ୟକ୍ତି ଯୀଶୁଙ୍କୁ ଆବଶ୍ୟକ କରେ କି ନାହିଁ, ଏହା ଆମେ ତା'ର ବାହ୍ୟ ଚେହେରା ଦେଖି ନିଷ୍ପତ୍ତି ନେଉ ।

ଯଦି ଆମେ ଆମର ଅସାଧାରଣ ବିଶ୍ୱାସକୁ ପ୍ରୟୋଗ କରିବାକୁ ଇଚ୍ଛା କରୁ, ତେବେ ଅସାଧାରଣ ଦର୍ଶନ – ଅର୍ଥାତ୍, ଯାହା ଆମେ ଖାଲି ଆଖିରେ ଦେଖୁ, ତାହାର ଉର୍ଦ୍ଧ୍ୱରେ ଦେଖିବା ଆରମ୍ଭ କରିବା ଆବଶ୍ୟକ ।

ଟମ୍ ଗୋଟିଏ ଆଶ୍ଚର୍ଯ୍ୟ କର୍ମ ଆଶା କରୁ ନ ଥିଲା, କିମ୍ବା ପିତର କୌଣସି ସୁସ୍ଥକାରୀ ସଭାର ଯୋଜନା କରି ନ ଥିଲେ । ଏହା ସେତେବେଳେ ଘଟିଲା, ଯେତେବେଳେ ସେମାନେ ସେମାନଙ୍କର ଅସାଧାରଣ ବିଶ୍ୱାସକୁ ପ୍ରୟୋଗ କରିବାକୁ ଇଚ୍ଛା କରିଥିଲେ । ଆପଣ ଆପଣଙ୍କର ଅସାଧାରଣ ବିଶ୍ୱାସକୁ ପ୍ରୟୋଗ କରି ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ଇଚ୍ଛା କରୁଛନ୍ତି କି ?

ଗଭୀରଭାବେ ଦେଖିବା ପାଇଁ ''ଆମର ଚକ୍ଷୁକୁ ନିବଦ୍ଧ କରିବା ।'' ଆପଣ ଶେଷଥର କେବେ ଆପଣଙ୍କ ଚତୁପାର୍ଶ୍ୱସ୍ଥ ଲୋକମାନଙ୍କୁ ''ଗଭୀରତର'' ଭାବରେ ଦେଖିଥିଲେ ଯଥା – ଆପଣଙ୍କ ମଣ୍ଡଳୀର ସଦସ୍ୟମାନଙ୍କୁ

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)


ନିହିମିଆ ବାଇବଲ
ସାନ୍ଧ୍ୟ କଲେଜ
ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ
ମାଧ୍ୟମ ~ ତାମିଲ
ECHO OF HIS CALL 1969-2019 REACHING NATIONS
Regd. Candidate for Membership ATA NEHEMIAH BIBLE COLLEGE CHENNAI ECHO OF HIS CALL Estd.: 1969
ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
Diploma in Ministry : One year
Diploma in Theology : Two years
Bachelor of Theology : Three years
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗାଯୋଗ : The Chairman, Nehemiah Bible College.
10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୭ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଯେଉଁ ସଦାପ୍ରଭୁ ନିଜର ପ୍ରତିଜ୍ଞା ରକ୍ଷା କରନ୍ତି

"ଯେ କୌଣସି ଅସ୍ତ୍ର ତୁମ୍ଭ ପ୍ରତିକୂଳରେ ନିର୍ମିତ ହୁଏ, ତାହା ସାର୍ଥକ ହେବ ନାହିଁ..." (ଯିଶାଇୟ ୫୪:୧୭) ।

## THE LORD WHO KEEPS HIS PROMISES!

୧୯୬୯ରେ, ପ୍ରଭୁ ମୋତେ ତାଙ୍କର ଗୌରବମୟ ସେବାକାର୍ଯ୍ୟ ପାଇଁ ଆହ୍ୱାନ କରିଥିଲେ । ୧୯୭୧ରେ, ସେ ପୁଣି ଥରେ ଯିରିମିୟ ୫୧:୨୦–୨୩ରେ ମିଳୁଥିବା ତାଙ୍କ ପ୍ରତିଜ୍ଞା ଦ୍ୱାରା ଉତ୍ସାହିତ କରିଥିଲେ ।

**"ତୁମ୍ଭେ ଆମ୍ଭର ଗଦା ଓ ଯୁଦ୍ଧର ଅସ୍ତ୍ର ସ୍ୱରୂପ, ପୁଣି ଆମ୍ଭେ ତୁମ୍ଭ ଦ୍ୱାରା ନାନା ଗୋଷ୍ଠୀକି ଚୂର୍ଣ୍ଣ କରିବା ଓ ତୁମ୍ଭ ଦ୍ୱାରା ନାନା ରାଜ୍ୟକୁ ସଂହାର କରିବା, ପୁଣି, ତୁମ୍ଭ ଦ୍ୱାରା ଆମ୍ଭେ ଅଶ୍ୱ ଓ ତଦାରୋହୀକୁ ଚୂର୍ଣ୍ଣ କରିବା, ଆଉ ରଥ ଓ ତଦାରୋହୀକୁ ଚୂର୍ଣ୍ଣ କରିବା ।**

**ପୁଣି, ତୁମ୍ଭ ଦ୍ୱାରା ଆମ୍ଭେ ପୁରୁଷ ଓ ସ୍ତ୍ରୀକୁ ଚୂର୍ଣ୍ଣ କରିବା ଓ ତୁମ୍ଭ ଦ୍ୱାରା ଆମ୍ଭେ ବୃଦ୍ଧ ଓ ବାଳକକୁ ଚୂର୍ଣ୍ଣ କରିବା ଓ ତୁମ୍ଭ ଦ୍ୱାରା ଆମ୍ଭେ ଯୁବକ ଓ ଯୁବତୀକୁ ଚୂର୍ଣ୍ଣ କରିବା ।**

**ପୁଣି, ତୁମ୍ଭ ଦ୍ୱାରା ଆମ୍ଭେ ପାଳକ ଓ ତାହାର ପଲକୁ ଚୂର୍ଣ୍ଣ କରିବା ଓ ତୁମ୍ଭ ଦ୍ୱାରା ଆମ୍ଭେ କୃଷକକୁ ଓ ତା'ର ହଳ ବଳଦକୁ ଚୂର୍ଣ୍ଣ କରିବା, ଆଉ ତୁମ୍ଭ ଦ୍ୱାରା ଆମ୍ଭେ ଦେଶାଧ୍ୟକ୍ଷ ଓ ଅଧିପତିଗଣକୁ ଚୂର୍ଣ୍ଣ କରିବା ।"**

ମୋ' ସେବାକାର୍ଯ୍ୟରେ, ଏହି ପ୍ରତିଜ୍ଞାଗୁଡ଼ିକ ସଫଳ ହୋଇଅଛି କାରଣ "ଆହ୍ୱାନର ପ୍ରତିଧ୍ୱନି" ଏହି ସମସ୍ତ କ୍ଷେତ୍ରକୁ ଆବୃତ କରିଛି ଓ ପ୍ରତ୍ୟେକଟି କ୍ଷେତ୍ର ବର୍ତ୍ତମାନ ଗୋଟିଏ ଗୋଟିଏ ପୃଥକ୍ ସେବାକାର୍ଯ୍ୟ ଭାବରେ କାର୍ଯ୍ୟ କରୁଅଛି ।

ଆସନ୍ତୁ, ନିମ୍ନଲିଖିତ ପଦଗୁଡ଼ିକର ସଫଳତାକୁ ଦେଖିବା । **"ତୁମ୍ଭେ ଆମ୍ଭର ଗଦା ଓ ଯୁଦ୍ଧର ଅସ୍ତ୍ରସ୍ୱରୂପ ... ତୁମ୍ଭ ଦ୍ୱାରା ଆମ୍ଭେ ଦେଶାଧ୍ୟକ୍ଷ ଓ ଅଧିପତିଗଣକୁ ଚୂର୍ଣ୍ଣ କରିବା"** (୨୦ ଓ ୨୩ ପଦ) ।

ଯେତେବେଳେ ମୁଁ ୧୯୭୮ ଓ ୧୯୮୦ ମଧ୍ୟରେ ସରକାରୀ ଚାକିରୀରେ ଥିଲି, ସେତେବେଳେ ଚେନ୍ନାଇର ସମୁଦ୍ର କୂଳ ନିକଟରେ ଥିବା ସରକାରୀ ବାସ ଗୃହରେ ରହିବାକୁ ପଡୁଥିଲା । ସେହି ସମୟରେ, ସେହି ଅଞ୍ଚଳରେ ବାସ କରୁଥିବା ସରକାରୀ କର୍ମଚାରୀମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ପାଇଁ ମୁଁ ଉପର ମହଲାରେ ଗୋଟିଏ ବଡ଼ କକ୍ଷ ଭଡ଼ା ନେଇଥିଲି । ଅନେକ ଉଚ୍ଚ ପଦାଧିକାରୀ ଈଶ୍ୱରଙ୍କର ସ୍ପର୍ଶ ପାଇଥିଲେ ଓ ସେମାନଙ୍କର ପ୍ରାଣ ଓ ଶରୀର ନିମନ୍ତେ ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ ।

ମୁଁ ସୁଯୋଗ ପାଇବା ମାତ୍ରେ ଖୋଲା–ସଭାର ଆୟୋଜନ କରୁଥିଲି । କିନ୍ତୁ, କେତେକ ଲୋକ ମୋତେ ପସନ୍ଦ କରୁ ନ ଥିଲେ ଓ ମୋ' କାର୍ଯ୍ୟରେ ବାଧା ଦେବା ପାଇଁ ଅନ୍ୟମାନଙ୍କୁ ପ୍ରବର୍ତ୍ତାଉ ଥିଲେ । ସେମାନେ କିଛି ଦୂରରେ ଠିଆ ହୋଇ ମୋତେ ଭୟଭୀତ କରିବା ପାଇଁ ଚିତ୍କାର କରୁଥିଲେ । ବେଳେବେଳେ, ମୋ' ସଭାରେ ଲୋକମାନେ ଏକତ୍ରିତ ହେବା ସମୟରେ, ସେମାନେ ମୋତେ ଘେରି ଯାଉଥିଲେ । ସେମାନେ ହାତରେ ଅସ୍ତ୍ରଶସ୍ତ୍ର ଧରି ମୋଟର ସାଇକଲରେ ଆସୁଥିଲେ, ମୁଁ ଶାରୀରିକ ଆକ୍ରମଣର ମଧ୍ୟ ଶୀକାର ହୋଇଥିଲି ଯାହା ମୋତେ ଭୟଭୀତ କରିଥିଲା । ଏହା ସହିତ, ସେମାନେ ମୋ' ଗୃହ ମାଲିକଙ୍କ ନିକଟକୁ ଯାଇ ମୋତେ ଆଉ ସେହି କକ୍ଷଟିକୁ ଭଡ଼ାରେ ନ ଦେବା ପାଇଁ ପ୍ରରୋଚିତ କରିଥିଲେ ।

ଏହି ସମସ୍ତ ବିପଦ ସତ୍ତ୍ୱେ, ପ୍ରଭୁ ମୋତେ ଆଦୌ ପରିତ୍ୟାଗ କରି ନ ଥିଲେ । ସେ ମୋର ସ୍ଥିତିକୁ ଉନ୍ନତ କରିବା ପାଇଁ ଆରମ୍ଭ କରିଥିଲେ ଓ ତାଙ୍କର ଶକ୍ତିଶାଳୀ ହସ୍ତ ସର୍ବଦା ମୋ' ସହିତ ଥିଲେ । ଯେଉଁ ଲୋକମାନେ ମୋ' ବିରୁଦ୍ଧରେ କାର୍ଯ୍ୟ କରୁଥିଲେ, ସେମାନଙ୍କ ପାଇଁ ମୁଁ ଈଶ୍ୱରଙ୍କଠାରୁ କ୍ଷମା ଓ ସେମାନଙ୍କର ପରିତ୍ରାଣ ମାଗିଥିଲି । କିନ୍ତୁ, ମୁଁ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ସାକ୍ଷାତ୍ କରି ପାରି ନ ଥିଲି । ଅବଶ୍ୟ, ମୁଁ କେତେ ଜଣଙ୍କର ସାକ୍ଷାତ ପାଇଥିଲି ଓ ପ୍ରକୃତରେ ଏହା ସତ୍ୟ ଅଟେ ଯେ ପ୍ରଭୁ ସେମାନଙ୍କୁ ସାକ୍ଷାତ୍ କରିଥିଲେ ଓ ସେମାନଙ୍କୁ ତାଙ୍କର ପରିତ୍ରାଣ ପ୍ରଦାନ କରିଥିଲେ ।

ଗୀତରଚକ ଯେପରି କହିଛନ୍ତି, **"ଆହେ, ସଦାପ୍ରଭୁ ଯେ ମଙ୍ଗଳମୟ, ଏହା ଆସ୍ୱାଦନ କରି ଦେଖ"** (ଗୀତସଂହିତା ୩୪:୮) ।

\- \- \-

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ସେମାନେ କିଏ, ସେମାନେ କେଉଁଠାରୁ ଆସିଥିଲେ ଓ ସେମାନେ କିପରି ଦିଶନ୍ତି – ଏସବୁର ଊର୍ଦ୍ଧ୍ୱରେ ? ଅଧିକ ଗଭୀରଭାବେ ଦେଖିବା ପାଇଁ କିଛି ସମୟ ନିଅନ୍ତୁ ?

ବର୍ଣ୍ଣବ୍ବା ଶାଉଲ ଓ ଯୋହନ ମାର୍କଙ୍କଠାରେ କିଛି ଗଭୀର ଓ ବିଶେଷ ବିଷୟ ଦେଖିଥିଲେ । ଲୋକମାନଙ୍କୁ ସେମାନଙ୍କ ଶାରୀରିକ ବାହ୍ୟ ଚେହେରାର ଊର୍ଦ୍ଧ୍ୱରେ ଦେଖିବା ପାଇଁ ଓ ସେମାନଙ୍କ ଆତ୍ମିକ ଆବଶ୍ୟକତା ପ୍ରତି ଗଭୀରଭାବେ ଦୃଷ୍ଟିପାତ କରିବା ପାଇଁ ଈଶ୍ୱର ଆମକୁ ଦୃଷ୍ଟି ଶକ୍ତି ପ୍ରଦାନ କରନ୍ତୁ ।

## ୨. ଅସାଧାରଣ ବିଶ୍ୱାସ ଅସାଧାରଣ ସାହସ ଉତ୍ପନ୍ନ କରେ ?

ଆମ ମଧ୍ୟରୁ ଅଧିକାଂଶ ନିରାପଦରେ ରହିବା ଓ ଆମ ଦୈନନ୍ଦିନ କାର୍ଯ୍ୟରେ ଲାଗି ରହିବାକୁ ପସନ୍ଦ କରନ୍ତି । ଆମେ ଆମର ସୁବିଧାଜନକ ଅଞ୍ଚଳ ମଧ୍ୟରେ ରହିବାକୁ ଭଲପାଉ । ବିଶେଷ ଭାବରେ, ଆମେ ବୟୋପ୍ରାପ୍ତ ହେଉଥିବା ସମୟରେ, ଆମ ମଧ୍ୟରୁ କେତେଜଣ ସାହସହୀନ ହୋଇଯାଉ । ଏପରିକି ମୁଁ ମଧ୍ୟ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଅଟେ । ମୁଁ ଆଗରୁ ଅନେକ ପାଗଳପ୍ରାୟ ଓ ରୋମାଞ୍ଚକର କାର୍ଯ୍ୟକଳାପରେ ନିୟୋଜିତ ଥିଲି, ଯେପରିକି, ବିପଦସଙ୍କୁଳ ଗଡାଣିଉଠାଣି ଖେଳ ଖେଳିବା, ଅନେପେକ୍ଷିତ ବିଷୟର ରୋମାଞ୍ଚକୁ ଉପଭୋଗ କରିବା, ଇତ୍ୟାଦି । କିନ୍ତୁ ସମୟ ଅତିକ୍ରାନ୍ତ ହେବା ପରେ, ମୋର ଦୃଷ୍ଟିକୋଣ ପରିବର୍ତ୍ତିତ ହୋଇଥିଲା । ମୁଁ ନିଜକୁ ପ୍ରଶ୍ନ ପଚାରିବା ଆରମ୍ଭ କରିଥିଲି – ମୁଁ କାହିଁକି ଅନାବଶ୍ୟକ ବିପଦ ବରଣ କରିବି ଓ ଯଦି କିଛି ଭୁଲ୍ ହୋଇଯିବ, ତେବେ କ'ଣ ହେବ ? ମୋ' ଭଳି, ଅନେକ ଲୋକ ନିରାପଦରେ ରହିବାକୁ ପସନ୍ଦ କରନ୍ତି ।

ଆମ ପାଖରେ ଖୁଚୁରା ପଇସା ନ ଥିଲେ, ଆମ ମଧ୍ୟରୁ ଅଧିକାଂଶ ଯେପରି କରିଥା'ନ୍ତୁ, ସେହିପରି ପିତର

ସେହି ବ୍ୟକ୍ତିକୁ ଅବଜ୍ଞା କରି, ଯୋହନଙ୍କ ସହିତ କଥାବାର୍ତ୍ତା କରୁ କରୁ ଚାଲି ଯାଇ ପାରିଥା'ନ୍ତେ । ମାତ୍ର ସେ ଏକ ସାହସିକ ପଦକ୍ଷେପ ନେଇ କହିଥିଲେ, ''ମୋ' ପାଖରେ ରୁପା କି ସୁନା ନାହିଁ, ମାତ୍ର ମୋ' ପାଖରେ ଯାହା ଅଛି, ତାହା ମୁଁ ତୁମକୁ ଦେବି ।''

ଏହା ଯେ କେବଳ ଗୋଟିଏ ସାହସିକ କାର୍ଯ୍ୟ ଥିଲା, ତା' ନୁହେଁ, ମାତ୍ର ଏହା ଥିଲା ଏକ ଅସାଧାରଣ କାର୍ଯ୍ୟ । ପିତର ଏହି ବ୍ୟକ୍ତି ମଧ୍ୟକୁ ନିଜର ବିଶ୍ୱାସ ପ୍ରବେଶ କରାଇଥିଲେ । ଏହି ଘଟଣା ପ୍ରେରିତ ୧୪:୮-୧୯ ସହିତ ସମାନ ଅଟେ । ସେଠାରେ ପାଉଲ ଜଣେ ଛୋଟା ଲୋକକୁ ସୁସ୍ଥ କରିଛନ୍ତି । କିନ୍ତୁ, ଭିନ୍ନତା ହେଉଛି ଯେ ପାଉଲ ଯେଉଁ ବ୍ୟକ୍ତିକୁ ସୁସ୍ଥ କରିଥିଲେ, ତା'ଠାରେ ''ସୁସ୍ଥ ହେବା ପାଇଁ ବିଶ୍ୱାସ'' ଥିଲା, ମାତ୍ର ପିତର ଯେଉଁ ବ୍ୟକ୍ତିକୁ ସୁସ୍ଥ କରିଥିଲେ, ତା'ଠାରେ ବିଶ୍ୱାସ ନ ଥିଲା । ଏହା ସତ୍ତ୍ୱେ, ପିତର ଓ ଯୋହନ ସାହସର ସହିତ ଏହି ମନୁଷ୍ୟର ଜୀବନରେ ସେମାନଙ୍କ ବିଶ୍ୱାସକୁ ଭରି ଦେଇଥିଲେ ।

ଆମ ଚତୁପାର୍ଶ୍ୱସ୍ଥ ଲୋକମାନଙ୍କ ଜୀବନରେ ବିଶ୍ୱାସ ପ୍ରଦାନ କରିବା ପାଇଁ ଈଶ୍ୱର ଆମକୁ ଆହ୍ୱାନ କରିଛନ୍ତି । ଆମେ ବିଶ୍ୱାସ ପ୍ରଦାନ କରୁଅଛୁ କି ? ଅଧିକାଂଶ ସମୟରେ, ଆମେ ସେତେବେଳେ ଦ୍ୱିଧାଗ୍ରସ୍ତ ହେଉ, ଯେତେବେଳେ ଅନ୍ୟ ବିଶ୍ୱାସର ଲୋକମାନଙ୍କୁ କିମ୍ବା ସଂପୂର୍ଣ୍ଣ ଅବିଶ୍ୱାସୀମାନଙ୍କୁ ଆମ ବିଶ୍ୱାସ ବିଷୟରେ ଶିକ୍ଷା ଦେବାର କଥା ଆସେ ।

ପ୍ରିୟ ବନ୍ଧୁ, ଏହା ହେଉଛି, ଆମ ଚତୁର୍ଦ୍ଦିଗସ୍ଥ ଲୋକମାନଙ୍କ ଜୀବନରେ ଆମର ବିଶ୍ୱାସ ଭରିଦେବାର ସମୟ । ଆସନ୍ତୁ, କୌଣସି ଜଣେ ବ୍ୟକ୍ତିର ଜୀବନରେ ବିଶ୍ୱାସକୁ ବୁଣିବାରେ ଆମର ସମୟ ବିନିଯୋଗ କରିବା ।

ପିତରଙ୍କ ନିକଟରେ ତାଙ୍କର ଅବିଚଳିତ ବିଶ୍ୱାସକୁ ପ୍ରୟୋଗ କରିବାର ସାହସ ଥିଲା । ଯଦି ଲୋକଟି ସୁସ୍ଥ ନ ହେବ, ତେବେ କ'ଣ ହେବ ବୋଲି ସେ ଗୋଟିଏ ମୁହୂର୍ତ୍ତ ପାଇଁ ସୁଦ୍ଧା ସନ୍ଦେହ କରି ନ ଥିଲେ । ପିତର ସାହସର ସହିତ କହିଥିଲେ, ''ଉଠ ଠିଆ ହୁଅ ଓ ଚାଲ ।'' ସେହି ଲୋକ ପିତରଙ୍କ ଏହି ଆଦେଶକୁ ବୁଝି ନ ଥିଲା । ପରବର୍ତ୍ତୀ ପଦରେ ଯେପରି କୁହାଯାଇଛି, ସେହିପରି ପିତର ତା' ହାତ ଧରି ତାକୁ ଠିଆ କରାଇଥିଲେ । ସେହି ସମୟରେ ହିଁ ଲୋକଟି ଉପଲବ୍ଧି କରିଥିଲା ଯେ ସେ ଠିଆ ହୋଇ ଚାଲିପାରିବ ।

ପିତର କହିଥିଲେ, ''ଉଠି ଠିଆ ହୁଅ ଓ ଚାଲ ।''

ଆଜି ଲୋକମାନେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ, ସେମାନଙ୍କର ଦକ୍ଷିଣ ହସ୍ତ ଧରିବା ପାଇଁ ଆମକୁ ଅପେକ୍ଷା କରୁଛନ୍ତି । ସେମାନେ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ଆସିବାର ଅତି ନିକଟରେ ଅଛନ୍ତି ମାତ୍ର ଏ ପର୍ଯ୍ୟନ୍ତ ଦ୍ୱାର ବାହାରେ ଅପେକ୍ଷା କରୁଛନ୍ତି । ଏଥିପାଇଁ ଅସାଧାରଣ ସାହସ ଆବଶ୍ୟକ ହୁଏ ।

ପିତର ଓ ଯୋହନ ଟମ୍ ଦ୍ୱାରା ବାଧାପ୍ରାପ୍ତ ହୋଇ ନ ଥିଲେ, ମାତ୍ର ତାକୁ ଜଣେ ଏପରି ବ୍ୟକ୍ତି ଭାବରେ ଦେଖିଥିଲେ ଯିଏ ସେମାନଙ୍କୁ ଈଶ୍ୱରଙ୍କ ଶକ୍ତି ପ୍ରଦର୍ଶନ



**ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସୁସ୍ଥତା ଦାନ**

କରି ଶକ୍ତିର ସହିତ ପ୍ରଚାର କରିବା ପାଇଁ ସାମର୍ଥ୍ୟ ଦେଇଥିଲା ।

ଖ୍ରୀଷ୍ଟିଆନମାନଙ୍କ ନିମନ୍ତେ ସେମାନଙ୍କ ଖ୍ରୀଷ୍ଟୀୟ ଆଚରଣରେ ନିଜ ନିଜକୁ ପୃଥକ୍ ନ ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଈଶ୍ୱରଙ୍କ ସହିତ ଏକାକୀ ସମୟ କାଟିବା ଉତ୍ତମ ହେଲେ ମଧ୍ୟ ଅନ୍ୟମାନଙ୍କ ଉପରେ ସମୟ, ପ୍ରଚେଷ୍ଟା ଓ ସମ୍ବଳ ବିନିଯୋଗ କରିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଟେ । ଆପଣଙ୍କ ଚତୁଃପାର୍ଶ୍ୱସ୍ଥ ଲୋକମାନଙ୍କର ଓ ଆପଣଙ୍କୁ ସାକ୍ଷାତ୍ କରୁଥିବା ଲୋକମାନଙ୍କର ଜୀବନ ମଧ୍ୟକୁ ଅସାଧାରଣ ସାହସ ସହିତ ଜୀବନର ଆଜ୍ଞା ଦିଅନ୍ତୁ । ଏହା ନିରାପଦ ବୋଲି ଭାବନ୍ତୁ ନାହିଁ ।

## ୩. ଅସାଧାରଣ ବିଶ୍ୱାସ ଅସାଧାରଣ ଆହ୍ୱାନ ସବୁ ଆଣେ ।

ଯେତେବେଳେ ଆମର ବିଶ୍ୱାସ ଅବିଚଳିତ ଥାଏ, ଏହା ଏପରି ଅସାଧାରଣ ବିଶ୍ୱାସ ଦିଗକୁ କଢ଼ାଇ ନିଏ ଯାହା ପ୍ରତି ବଦଳରେ ଅସାଧାରଣ ଆହ୍ୱାନସବୁ ଆଣେ । ଖ୍ରୀଷ୍ଟୀୟ ପଥ ଅସଂଖ୍ୟ ଆହ୍ୱାନରେ ପରିପୂର୍ଣ୍ଣ ଅଟେ ଓ ବାଇବଲ କୌଣସି ସ୍ଥାନରେ, ଖ୍ରୀଷ୍ଟିଆନ ଜୀବନ ଏକ ଗୋଲାପର ଶଯ୍ୟା ହେବ ବୋଲି ଦାବୀ କରି ନାହିଁ । ଆମକୁ ନିଜ ନିଜକୁ ଅସ୍ୱୀକାର କରି ଆମର କ୍ରୁଶ ବହନ କରିବାକୁ ହେବ ।

ଗୋଟିଏ ଜୀବନ - ପରିବର୍ତ୍ତନକାରୀ ଆଶ୍ଚର୍ଯ୍ୟକର୍ମର ଅନୁଭୂତି ପାଇବା ପରେ, ପିତର ଓ ଯୋହନଙ୍କୁ ପ୍ରଶଂସା କିମ୍ବା ସମ୍ମାନିତ କରା ଯାଇ ନ ଥିଲା, ମାତ୍ର ସେମାନଙ୍କୁ ବନ୍ଦୀ କରାଯାଇଥିଲା । ମୋର ପ୍ରିୟ ବନ୍ଧୁ, ଶୟତାନ ଆମ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଯୋଜନାକୁ ସଫଳ କରିବାରେ ଆମକୁ ବାଧା ଦେବା ନିମନ୍ତେ ଯଥା ସମ୍ଭବ ପ୍ରତିବନ୍ଧକ ଆଣେ । କିନ୍ତୁ, ମନୁଷ୍ୟର କିମ୍ବା ନର୍କର କୌଣସି ଶକ୍ତି ଆମ ନିମନ୍ତେ ଥିବା ଈଶ୍ୱରଙ୍କର ସ୍ୱର୍ଗୀୟ ଯୋଜନାକୁ କେବେ ଅଟକାଇ ପାରିବ ନାହିଁ ।

ପିତର ଓ ଯୋହନଙ୍କୁ ବନ୍ଦୀ କରାଯାଇଥିଲା, ଭୟଙ୍କର ଭାବେ ଧମକ ଦିଆଯାଇଥିଲା ଓ କିଛି ନ କହିବା ପାଇଁ ଆଜ୍ଞା ଦିଆଯାଇଥିଲା, ମାତ୍ର କୌଣସି ବିଷୟ ସେମାନଙ୍କୁ ଅଟକାଇ ପାରି ନ ଥିଲା ।

ମୋର ପ୍ରିୟ ବନ୍ଧୁଗଣ, ଅସାଧାରଣ ସମୟସବୁ ଅସାଧାରଣ ପଦକ୍ଷେପ ପାଇଁ ଆହ୍ୱାନ ଜଣାଏ ।

ଯେତେବେଳେ ଆମେ ଆମର ବିଶ୍ୱାସକୁ ପ୍ରୟୋଗ କରି ଏହାକୁ କାର୍ଯ୍ୟରେ ପରିଣତ କରୁ, ସେତେବେଳେ ଆମେ ହୁଏତ ଅଧିକ ସମସ୍ୟା ଓ ଆହ୍ୱାନର ସମ୍ମୁଖୀନ ହୋଇପାରୁ । ଆମର ପୁରସ୍କାର ସ୍ୱର୍ଗରେ ଅଛି, ସେଥିପାଇଁ ଆମକୁ ଆମର ଆହ୍ୱାନ ପ୍ରତି ବିଶ୍ୱସ୍ତ ରହିବାକୁ ହେବ । ଆମେ ପଛକୁ ଚାହିଁବା କିମ୍ବା ପଛକୁ ହଟିବା ଉଚିତ ନୁହେଁ, ମାତ୍ର ଅଗ୍ରସର ହୋଇ ଚାଲିବା ଉଚିତ ।

ପ୍ରେରିତ ୧୪:୨୨ **ଆମକୁ ଏହା ସ୍ମରଣ କରାଇ ଦେଇଛି ଯେ ଆମେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବା ପୂର୍ବରୁ କ୍ଳେଶର ସମ୍ମୁଖୀନ ହେବୁ ଓ ଏହି ସମୟଗୁଡ଼ିକରେ, ଆମେ ଆମର ପ୍ରାଣକୁ ଶକ୍ତିଯୁକ୍ତ କରିବା ଓ ବିଶ୍ୱାସରେ ଅବ୍ୟାହତ ରହିବା ଆବଶ୍ୟକ ।**

ଗୀତସଂହିତା ୩୪:୧୯ରେ ଲେଖାଯାଇଛି ଯେ **'ଧାର୍ମିକର ଅନେକ ବିପଦ, ମାତ୍ର ସଦାପ୍ରଭୁ ସେ ସବୁରୁ ତାକୁ ଉଦ୍ଧାର କରନ୍ତି ।'**

ଗୋଟିଏ ଧାର୍ମିକ ଜୀବନ କାଟିବା ଦ୍ୱାରା ଦୁଃଖରୁ ଆମକୁ ମୁକ୍ତି ମିଳେ ନାହିଁ । ସମଗ୍ର ଇତିହାସରେ, ବିଶ୍ୱାସୀମାନେ କ୍ଳେଶ ଓ ପରୀକ୍ଷାର ଅନୁଭୂତି ପାଇଛନ୍ତି । ଉଭୟ ଖ୍ରୀଷ୍ଟିଆନ ଓ ଅଣ ଖ୍ରୀଷ୍ଟିଆନମାନଙ୍କ ଜୀବନରେ, ମଣ୍ଡଳୀକୁ ଯାଉଥିବା ଓ ମଣ୍ଡଳୀକୁ ଯାଉ ନ ଥିବା ଲୋକମାନଙ୍କ ଜୀବନରେ ସମସ୍ୟାଗୁଡ଼ିକ ଜୀବନର ଅଂଶ ବିଶେଷ ଅଟେ । ମାତ୍ର ଏହାର ଏହି ଅର୍ଥ ନୁହେଁ ଯେ ଆପଣ ଜଣେ ମନ୍ଦ କିମ୍ବା ଦୁଷ୍ଟ ବ୍ୟକ୍ତି ଅଟନ୍ତି । କିନ୍ତୁ, ପାର୍ଥକ୍ୟ ଏହି ବିଷୟରେ ନିହିତ ଅଛି ଯେ ଯେତେବେଳେ ଈଶ୍ୱରଙ୍କର ଜଣେ ସନ୍ତାନ କ୍ଳେଶର ଅନୁଭୂତି ପାଏ, ସେତେବେଳେ ଈଶ୍ୱର ସେହି ବିଷୟରେ ସଚେତନ ଥାଆନ୍ତି ଓ ସେ ତାଙ୍କ ହସ୍ତରେ ସୁରକ୍ଷିତ ଥାଏ ବୋଲି ଆମେ ଭରସା କରିପାରିବା ।

ଆପଣଙ୍କର ପରିସ୍ଥିତି ଯେତେ ନୈରାଶ୍ୟଜନକ ମନେହେଲେ ମଧ୍ୟ, ଆପଣ ଏକାକୀ ନୁହଁନ୍ତି । ଈଶ୍ୱର ଆପଣଙ୍କର ଯତ୍ନ ନିଅନ୍ତି ଓ ଆପଣଙ୍କ ସଂଘର୍ଷ ମଧ୍ୟରେ ଆପଣଙ୍କ ସହବର୍ତ୍ତୀ ଅଟନ୍ତି । ଆଜି ହିଁ ଆପଣଙ୍କର ଅସାଧାରଣ ବିଶ୍ୱାସକୁ ପ୍ରୟୋଗ କରନ୍ତୁ ।

*******

**NEED LIBRARY BOOKS**

We need Tamil, English and Hindi books for our Libraries at **St. Paul's Matriculation School and Nehemiah Bible Colleges.** If you have new or old books in good condition and if you are willing to donate, kindly communicate with us.

- Pr. S. Sam Selva Raj, Editor
+91-98412 71858

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## URGENT

We need about 1000 Hindi Christian Books for our Nehemiah Bible Colleges. Please inform us the possibility of procuring the theological Hindi books.

- Pr. S. Sam Selva Raj, Editor
+91-98412 71858

## OUR BANK DETAILS:

### 1. Bank : State Bank of India

Branch : Triplicane, Chennai-5
Name : S. Sam Selva Raj
A/C No. : 1023 2934 679
IFSC : SBIN 00 00 249
SWIFT CODE : SBI NIN BB 455

### 2. Bank : ICICI Bank

Branch : Anna Salai, Chennai-6
Name : Echo of His Call
A/C No. : 6038 0502 2319
IFSC : ICIC 000 6038

### 3. Bank : State Bank of India

(This Account is for Tax Exemption for Indians only )

Branch : Triplicane, Chennai-5
Name : Echo of His Call Educational Trust
A/C No. : 1023 2923 805
IFSC : SBIN 00 00 249

Google Pay: 98410 71858
PayPal : SAM SELVA RAJ
*****
E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

YOU CAN SEND YOUR DONATION ONLINE ALSO

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/21-23
Licence No. WPP. No. TN/PMG(CCR)/WPP-265/21-23
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th OCTOBER 2023.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

JESUS LOVES YOU!

To

GOD BLESS YOU!

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**